بِسۡمِ اللّٰہِ الرَّحۡمٰنِ الرَّحِیۡمِ

୨୨ ଅଗଷ୍ଟ ୨୦୨୫ ଖୁତ୍‌ବା ଜୁମାର ସାରାଂଶ
ସ୍ଥାନ - ମସଜିଦ୍ ମୁବାରକ୍, ଇସଲାମାବାଦ୍ ଟିଲ୍‌ଫୋର୍ଡ୍

## ହୁନେନ୍ ଯୁଦ୍ଧ ପ୍ରାସଙ୍ଗିକତାରେ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ ସ.ଅ.ଙ୍କ ପବିତ୍ର ଜୀବନୀର ବର୍ଣ୍ଣନା ।

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ୱହ୍‌ଦହୁ ଲାଶରିକା ଲହୁ ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ ଅମ୍ମାବାଦ୍ ଫଉଜୁବିଲ୍ଲା ହିମିନଶ୍ ଶୈତା ନିରରଜିମ୍ । ବିସ୍‌ମିଲ୍ଲା ହିରରହେମା ନିରରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅରରହମା ନିରରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ୱ ଇୟାକା ନସ୍‌ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ୱଲଜ୍ୱାଲ୍‌ଲିନ୍ ।

ତଶହୁଦ୍, ତଉଜ୍ ଓ ସୁରାଃ ଫାତିହାର ଆବୃତ୍ତି କରିବା ପରେ ପ୍ରିୟ ହୁଜୁର ଅନ୍‌ୱର ଅ.ବ କହିଲେ; ଯୁଦ୍ଧ ଅବା ଅଭିଯାନଗୁଡ଼ିକର ପରିପ୍ରେକ୍ଷୀରେ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ ସ.ଅ.ଙ୍କ ପବିତ୍ର ଜୀବନୀ ଚର୍ଚ୍ଚା ହେଉଥିଲା । ସେହି ଘଟଣାକ୍ରମରେ ଆଜି ମୁଁ ହୁନେନ୍ ଯୁଦ୍ଧ ସଂକ୍ରାନ୍ତରେ କିଛି ଆଲୋଚନା କରିବି । ଉକ୍ତ ଯୁଦ୍ଧ ଶୱାଲ ମାସ ୮ ହିଜରୀରେ ସଂଘଟିତ ହୋଇଥିଲା । ହୁନେନ୍ ମକ୍କା ଠାରୁ ପାଖାପାଖି ୨୬କି.ମି ଦୂରତାରେ, ଏକ ବସ୍ତି ଯାହାକି ମକ୍କା ଓ ତାଇଫ୍ ମଧ୍ୟରେ ଅବସ୍ଥିତ ଥିଲା । ଏହି ଯୁଦ୍ଧରେ ସାମିଲ ବଡ଼ କବିଲା ହୱାଜିନ୍ ଥିଲା, ଏଥି ସକାଶେ ତାହାକୁ ହୱାଜିନ୍ ଯୁଦ୍ଧ ମଧ୍ୟ କହନ୍ତି । ଆଉ କେତେକ ତାହାକୁ ଅୱତାସ୍ ଯୁଦ୍ଧ ନାମରେ ମଧ୍ୟ ଅଭିହିତ କରନ୍ତି । କାରଣ ଶତ୍ରୁ ପକ୍ଷର ସେନା ବାହିନୀର ଏକ ଭାଗ ହୁନେନ୍ ସ୍ଥାନରୁ ପଳାୟନ କରି ଅୱତାସ୍ ନାମକ ଏକ ଉପତ୍ୟାକା ଆଡ଼କୁ ଚାଲିଯାଇଥିଲା । ମୁସଲମାନମାନେ ସେଠାରେ ପହଞ୍ଚି ଶତ୍ରୁକୁ ପରାସ୍ତ କରିଥିଲା, ତେଣୁକରି କେତେକ ଏପରି ନାମକରଣ କରିଛନ୍ତି । ଯେତେବେଳେ କି ଅଧିକାଂଶ ଦାର୍ଶନିକ ସରିୟା ଅୱତାସ୍‌ର ପୃଥକ ଆଲୋଚନା କରିଛନ୍ତି ।

ହୁନେନ୍ ଯୁଦ୍ଧର ଚର୍ଚ୍ଚା ପବିତ୍ର କୁରଆନରେ ଏପରି ଉଲ୍ଲେଖ ରହିଛି, ନିଶ୍ଚିତ ରୂପେ ଅଲ୍ଲାଃତାଲା ଅନେକ କ୍ଷେତ୍ରରେ ତୁମମାନଙ୍କୁ ସାହାଯ୍ୟ କରିଛନ୍ତି । ବିଶେଷ କରି ହୁନେନ୍ ଯୁଦ୍ଧ ଦିନ ଯେତେବେଳେ ତୁମମାନଙ୍କର ସଂଖ୍ୟାଗରିଷ୍ଠତା ଗର୍ବ ଓ ଅହଂକାର କରିଥିଲା । ସୁତରାଂ ସେହି (ସଂଖ୍ୟାଗରିଷ୍ଠତା) ତୁମମାନଙ୍କର କୌଣସି ଉପକାର କରି ନଥିଲା ଏବଂ (ତୁମମାନଙ୍କ ପାଇଁ) ପ୍ରଶସ୍ତ ଭୂପୃଷ୍ଠକୁ ସଂକୀର୍ଣ୍ଣ କରିଦିଆଗଲା । ତା'ପରେ ତୁମେମାନେ ପଶ୍ଚାତପଦ ଦେଇ ପଳାୟନ କଲ । ପୁନଶ୍ଚ ଅଲ୍ଲାଃ ନିଜ ରସୁଲ ଓ ବିଶ୍ୱାସକାରୀମାନଙ୍କ ଉପରେ ଶାନ୍ତି ଅବତୀର୍ଣ୍ଣ କଲେ । ଆଉ ଏପରି ସୈନ୍ୟସାମନ୍ତ ପ୍ରେରଣ କଲେ ଯାହାଙ୍କୁ ତୁମେ ଦେଖିପାରୁ ନଥିଲ ଏବଂ ଏମାନେ ସେମାନଙ୍କୁ ଶାସ୍ତି ଦେଲେ, ଯେଉଁମାନେ ଅସ୍ୱୀକାର କରିଥିଲେ ଓ ଅମାନ୍ୟକାରୀଙ୍କର ଏହିପରି ହିଁ ପରିଣାମ ହୋଇଥାଏ । ଏହା ପରେ ଅଲ୍ଲାଃ ଯାହାକୁ ଇଚ୍ଛା କ୍ଷମା କରନ୍ତି ଏବଂ ଅଲ୍ଲାଃ ଅତ୍ୟନ୍ତ କ୍ଷମାଶୀଳ ଓ ସଦା କରୁଣାମୟ ।

ଏହାର କାରଣ ଉଦ୍ଧୃତ ହେଲା ଯେ, ଯେତେବେଳେ ମକ୍କା ବିଜୟ ହେଲା ସେପର୍ଯ୍ୟନ୍ତ ସୁଦ୍ଧା ଆରବର ବଡ଼ ବଡ଼ ଗୋଷ୍ଠୀ ସମୂହ ଇସଲାମ ଧର୍ମ ଗ୍ରହଣ କରିନେଲେ ଅବା ନବୀଶ୍ରେଷ୍ଠ ହଜରତ ମୁହମ୍ମଦ ସ.ଅ.ଙ୍କ ଆଜ୍ଞାବହତା ସ୍ୱୀକାର କରିନେଲେ । କିନ୍ତୁ ମକ୍କା ନିକଟବର୍ତ୍ତୀ ସ୍ଥାନରେ ବସବାସ କରୁଥିବା ବନୁ ହୱାଜିନ୍ ଓ ବନୁ ସକିଫ୍ ଯିଏକି ଅତ୍ୟନ୍ତ ଉଦ୍ଧତ ଓ ଲଢୁଆ ଗୋଷ୍ଠୀ ଥିଲା, ସେମାନେ ହୁଜୁର ସ.ଅ.ଙ୍କର କେବଳ ଆଜ୍ଞାବହତା ସ୍ୱୀକାର କରିବାର ପ୍ରତ୍ୟାଖ୍ୟାନ କରି ନଥିଲେ, ବରଂ ସେମାନଙ୍କ ସରଦାରମାନେ ଏକତ୍ରୀତ ହେଲେ ଏବଂ କହିଲେ; ମୁହମ୍ମଦ ସ.ଅ ମକ୍କା ସମେତ ଆରବର କେତେକ ଗୋଷ୍ଠୀକୁ ଆଜ୍ଞାକାରୀ କରିଦେଇଛନ୍ତି । ଆଉ ଏବେ ସୁନିଶ୍ଚିତ ରୂପେ ସେମାନେ ଆମ ଆଡ଼କୁ ଅଗ୍ରସର ହେବେ । ଏଥିସକାଶେ ଭଲ ହେବ କି ସେମାନେ ଆମ ନିକଟତର ହେବା ପୂର୍ବରୁ ଆମେମାନେ

ସେମାନଙ୍କ ଉପରେ ଆକ୍ରମଣ କରିଦେବା । ଆଉ ଏହା ମଧ୍ୟ କହିଲେ ଯେ, **ଏପର୍ଯ୍ୟନ୍ତ ସୁଦ୍ଧା ମୁହମ୍ମଦ ସ.ଅ.ଙ୍କର ମୁହାଁମୁହିଁ ଅନାଡ଼ି ଲୋକମାନଙ୍କ ସହିତ ହୋଇଥିଲା, ଏବେ ଆମ ସହିତ ହେଲେ ତାଙ୍କୁ ଜ୍ଞାତ ହେବ ।**

ବନୁ ହୱାଜିନ୍ ସହିତ କବିଲା ସକିଫ୍, ନସର୍ ଓ ଜଶମ୍‌ର ସମସ୍ତ ବୀର ଯୋଦ୍ଧା ରୁଣ୍ଡ ହୋଇଗଲେ । କବିଲା ସାଦ୍ ବିନ୍ ବକର୍ ଓ ବନୁ ହିଲାଲ୍ ମଧ୍ୟରୁ କିଛି ଲୋକ ଏକତ୍ରୀତ ଥିଲେ । କେତେକ ବର୍ଣ୍ଣନାରୁ ଜଣା ପଡୁଛି ଯେ, ବନୁ ହୱାଜିନ୍ ବାସ୍ତବରେ ଏଥିରୁ ବହୁ ପୂର୍ବରୁ ହିଁ ମୁସଲମାନମାନଙ୍କ ମୁକାବିଲା କରିବାର ପ୍ରସ୍ତୁତି ଆରମ୍ଭ କରି ଦେଇଥିଲା । କାରଣ ଯେତେବେଳେ ସେମାନେ ଦେଖିଲେ ଯେ, ମହାଭାଗ ଧୀରେ ଧୀରେ ୟହୁଦି ସମ୍ପ୍ରଦାୟ ସମେତ ଅନ୍ୟ କବିଲାଗୁଡ଼ିକୁ ନିଜ ସହିତ ସାମିଲ କରିନେଇ ଚାଲିଛନ୍ତି ସେତେବେଳେ ସେମାନଙ୍କୁ ଏହି ଚିନ୍ତା ଘାରିଲା ଯେ ଏପରି ନହେଉ କି ପ୍ରତିମା ପୂଜା ସଂସାରରୁ ବିଲୁପ୍ତ ହୋଇଯିବ । ଆଉ ନବୀଶ୍ରେଷ୍ଠ ସମସ୍ତଙ୍କ ଉପରେ ବିଜୟ ପ୍ରାପ୍ତ କରି ନିଅନ୍ତୁ । ଏଥିସକାଶେ ଏହା ଜରୁରୀ ଯେ, ତାଙ୍କୁ ମାର୍ଗରେ ହିଁ ଅଟକାଇ ଦିଆଯାଉ । ଅତଏବ ସେଥିପାଇଁ ସେମାନେ ପ୍ରସ୍ତୁତି ଆରମ୍ଭ କରିଦେଲେ ଓ ଉରୱା ବିନ୍ ମସଉଦ୍‌ର ନେତୃତ୍ୱରେ ଏକ ଦଳ ଉର୍ଦନ୍‌ର ସହର ଜୁରାଶ୍ ଆଡ଼କୁ ପ୍ରେରଣ କଲେ ଯଦ୍ୱାରା ସେଠାରୁ ଅସ୍ତ୍ରଶସ୍ତ୍ର ଓ ଯୁଦ୍ଧ ସରଞ୍ଜାମ ଘେନି ଆସିଲେ ।

ବନୁ ହୱାଜିନ୍‌ର ଏହି ଯୁଦ୍ଧ ପ୍ରସ୍ତୁତି ହୁଜୁର ସ.ଅ.ଙ୍କୁ ସେତେବେଳେ ଜ୍ଞାତ ହେଲା ଯେତେବେଳେ ମହାଭାଗ ମକ୍କା ଜୟ କରିବା ନିମନ୍ତେ ମଦିନାରୁ ପ୍ରସ୍ଥାନ କରିବାର ମନସ୍ଥ କରି ନେଇଥିଲେ । ତେବେ ଏହି ଅବସରରେ ମଧ୍ୟ ମହାଭାଗ  କିଛି ଲୋକଙ୍କୁ ମୁସଲମାନ ସେନା ବାହାରିବା ପୂର୍ବରୁ ପ୍ରେରଣ କରି ଦେଇଥିଲେ । ଆଉ ସେହି ଲୋକମାନେ ବନୁ ହୱାଜିନ୍‌ର ଜଣେ ବ୍ୟକ୍ତିକୁ ଗିରଫ୍ କଲେ ଯିଏକି ଜଣେ ଗୁପ୍ତଚର ଥିଲା ଏବଂ ହୱାଜିନ୍ କବିଲା ତରଫରୁ ମୁସଲମାନମାନଙ୍କ ଉପରେ ନଜର ରଖିବା ସକାଶେ ପଇଁତରା ମାରୁଥିଲା । ତାହାକୁ ହୁଜୁର ସ.ଅ.ଙ୍କ ସେବାରେ ଉପସ୍ଥିତ କରାଗଲା ଓ ହୁଜୁର ସ.ଅ ତାହାକୁ ପଚାରିଲେ, ଆଉ ଭଲ ଭାବରେ ପଚରା ଉଚରା କରିବାରୁ ସେ କହିଲା; ବନୁ ହୱାଜିନ୍ ଦଳ ଅନେକ ସୈନିକ ଏକତ୍ରୀତ କରିଛି ଏବଂ ବନୁ ସକିଫ୍‌କୁ ମଧ୍ୟ ନିଜ ସହିତ ସମ୍ମିଳିତ କରିନେଇଛି ଏବଂ ବିପୁଳ ଅସ୍ତ୍ରଶସ୍ତ୍ର ଓ ଯୁଦ୍ଧ ଉପକରଣ ହାସଲ କରିବା ସକାଶେ ଜୁରାଶ୍ ଆଡ଼କୁ ଏକ ଦଳ ପ୍ରେରଣ କରିଛି ।

ବନୁ ହୱାଜିନ୍ ଏହିସବୁ ପ୍ରସ୍ତୁତିରେ ମାତି ରହିଥିଲା ଯେ, ବିନା କୌଣସି ପ୍ରତିଦ୍ୱନ୍ଦିତାରେ ମୁସଲମାନମାନେ ମକ୍କା ଜୟ କରିନେଲେ । ଫଳତଃ ବନୁ ହୱାଜିନ୍ ଦଳ ନିଜ ବଳ ଓ ସାମର୍ଥ୍ୟର ଗର୍ବରେ ଅନ୍ଧ ହୋଇ ଏହି ନିଷ୍ପତ୍ତି ନେଲା ଯେ, ସେମାନେ ହଜରତ ମୁହମ୍ମଦ ସ.ଅ ଓ ତାଙ୍କ ସାଥୀମାନଙ୍କ ମୁକାବିଲା କରିବାକୁ ବାହାରିଲେ ଏବଂ ଯେପରିକି ସେମାନେ ଚିନ୍ତା କରୁଥିଲେ ଯେ, କେବଳ ଆମେମାନେ ହିଁ ମୁସଲମାନମାନଙ୍କୁ ପରାଜିତ କରି ନିପାତ କରିପାରିବୁ । ତେବେ ସେହି ସମସ୍ତ କବିଲାଗୁଡ଼ିକ ମଧ୍ୟରେ ବନୁ ହୱାଜିନ୍‌ର ସରଦାର ଜଣେ ୩୦ବର୍ଷିୟ ଯୁବକ ମାଲିକ୍ ବିନ୍ ଔଫ୍‌କୁ ନିଜର ସେନାଧ୍ୟକ୍ଷ ଓ ନେତା ମନୋନୀତ କରିନେଲେ । ଆଉ ୨୦ହଜାରର ଏକ ସେନା ବାହିନୀ ପ୍ରସ୍ତୁତ କରି ହୁନେନ୍ ଅଭିମୁଖେ ପ୍ରସ୍ଥାନ କଲେ । ବନୁ ହୱାଜିନ୍ ସରଦାର ମାଲିକ୍ ବିନ୍ ଔଫ୍ ଏହି ଯୁଦ୍ଧ ରଣନୀତି ପ୍ରସ୍ତୁତ କରି ଏକ ଏପରି ପଦକ୍ଷେପ ଗ୍ରହଣ କଲା ଥିଲା, **ଯାହାକି ଆରବ ଇତିହାସରେ ସମ୍ଭବତଃ ପୂର୍ବରୁ କେହି ସେପରି କରି ନଥିବେ** ଏବଂ ତାହା ଏହା ଥିଲା ଯେ, ସରଦାର ପ୍ରତ୍ୟେକ କବିଲାର ପ୍ରତ୍ୟେକ ବ୍ୟକ୍ତିଙ୍କୁ ଆଦେଶ ଦେଲା ଯେ ସେ ଯୁଦ୍ଧ ପାଇଁ ନିଜ ଘରୁ ଏକାକି ବାହାରିବ ନାହିଁ, ବରଂ ନିଜ ସ୍ତ୍ରୀପିଲା ଏପରିକି ନିଜ ଅର୍ଥ ଓ ଗାଈଗୋରୁ ସାଥିରେ ନେଇ ବାହାରିବ । ଏତଦ୍ ଦ୍ୱାରା ତାହାର ଉଦ୍ଦେଶ୍ୟ ଏହା ଥିଲା କି ପ୍ରତ୍ୟେକ ବ୍ୟକ୍ତି ନିଜ ଶତ୍ରୁ ସହିତ ପ୍ରାଣମୂର୍ଚ୍ଛା ସଂଘର୍ଷ କରିବ ।

ଏହି ଯୁଦ୍ଧରେ ବନୁ ଜଶମ୍‌ର ଜଣେ ବୃଦ୍ଧ ସରଦାର ଦୁରେଦ୍ ବିନ୍ ସମ୍ମାଃର ଯୁଦ୍ଧରୁ ନିବୃତ୍ତ ରହିବାର ପରାମର୍ଶ ଦେବାର ଚର୍ଚ୍ଚା ମଧ୍ୟ ଉଲ୍ଲେଖ ରହିଛି । ଯେତେବେଳେ ମାଲିକ୍ ବିନ୍ ଔଫ୍ ସହିତ ଲୋକମାନେ ନିଜ

ଧନସମ୍ପତ୍ତି, ସ୍ତ୍ରୀପିଲାଙ୍କୁ ସାଥିରେ ନେଇ ଅଓ୍ୱତାସ୍ ଉପତ୍ୟାକାରେ ପହଞ୍ଚି ଶିବିର ଲଗାଇଲେ । ସେତେବେଳେ ବୃଦ୍ଧ ସରଦାର ଦୁରେଦ୍ ବିନ୍ ସମ୍ମାଃ ମାଲିକ୍ ବିନ୍ ଔଫ୍‌ର ରଣନୀତିର ବିରୋଧ କରି କହିଲେ; ଯୁଦ୍ଧ କିପରି କରାଯାଏ ତାହା ତୁମକୁ ଜଣା ନାହିଁ । ହେ ହଓ୍ୱାଜିନ୍ ଦଳ ! ଅଲ୍ଲାଃଙ୍କ ରାଣ ଏହି ରଣ କୌଶଳ ଠିକ୍ ନୁହେଁ । **ଏ ବ୍ୟକ୍ତି ଆମ ମହିଳାମାନଙ୍କୁ ବେଇଜତ୍ କରିଦେବ ଏବଂ ଯେ ତୁମମାନଙ୍କୁ ଶତ୍ରୁ ହାତରେ ଟେକି ଦେଇ ସ୍ୱୟଂ ସକିଫ୍‌ର ଦୁର୍ଗରେ ଯାଇ ଆତ୍ମଗୋପନ କରିବ** । ସୁତରାଂ ତୁମେମାନେ ଫେରିଚାଲ ଓ ଏହାକୁ ଛାଡ଼ିଦିଅ । ଏପରି ସେ ଲୋକମାନଙ୍କୁ ଯୁଦ୍ଧ ନକରିବା ପାଇଁ ପରାମର୍ଶ ଦେଲା । ଏଥିରେ ମାଲିକ୍ ନିଜ ଖଣ୍ଡା ବାହାର କଲା ଓ କହିଲା; ହେ ହଓ୍ୱାଜିନ୍ ଦଳ ! ଅଲ୍ଲାଃଙ୍କ ରାଣ ତୁମେମାନଙ୍କୁ ମୋର ଆଦେଶ ପାଳନ କରିବାକୁ ହେବ, ନଚେତ୍ ମୁଁ ନିଜର ସମସ୍ତ ବଳ ପ୍ରୟୋଗ କରି ଏହି ଖଣ୍ଡାକୁ ନିଜ ବକ୍ଷରେ ନିବିଷ୍ଟ କରିଦେବି ଅର୍ଥାତ୍ ମୁଁ ଆତ୍ମହତ୍ୟା କରିବି । ବନୁ ହଓ୍ୱାଜିନ୍ ପରସ୍ପର ସହିତ ବିଚାର ବିମର୍ଶ କଲେ ଏବଂ ଶେଷରେ କହିଲେ; ଅଲ୍ଲାଃଙ୍କ ରାଣ ଯଦି ଆମେ ମାଲିକ୍‌ର ଅବଜ୍ଞା କରିବା ତେବେ ସେ ନିଜକୁ ନାଶ କରିଦେବ, ଯେବେ କି ସେ ଜଣେ ଯୁବକ । ଆଉ ଆମେ ଦୁରେଦ୍ ବିନ୍ ସମ୍ମାଃ ସହିତ ରହିଯିବା ଯିଏକି ଜଣେ ବୃଦ୍ଧ ବ୍ୟକ୍ତି ଓ ତାହା ସହିତ ମିଶି ଯୁଦ୍ଧ ଲଢ଼ିବା ବୁଦ୍ଧିମତା ନୁହେଁ । ତେଣୁ ତୁମେମାନେ ମାଲିକ ସପକ୍ଷରେ ଛିଡ଼ାହୁଅ ଓ ଏହିପରି ହିଁ ଘଟିଲା । ତା'ପରେ ମାଲିକ ଦୁରେଦ୍‌କୁ ପଚାରିଲେ କ'ଣ (ତୁମ ନିକଟରେ) ଆଉ କିଛି ଉପାୟ ଅଛି ? ସେ ଯେଉଁ ରାୟ ଦେଲେ ସେଥିରେ ମାଲିକ୍ ଏକମତ ହୋଇ ନିଜ ସାଥୀମାନଙ୍କୁ କହିଲା; ସେମାନେ ଘାଟି ଓ ଉପତ୍ୟାକାର ପାଦଦେଶରେ ଲୁଚିଯାନ୍ତୁ । ଯାହା ଫଳରେ ପ୍ରଥମ ଆକ୍ରମଣରେ ହିଁ ଇସଲାମୀୟ ସେନାକୁ ପରାସ୍ତ କରିପାରିବା ।

ଯେତେବେଳେ ହଜରତ ମୁହମ୍ମଦ ସ.ଅଙ୍କୁ ବନୁ ହଓ୍ୱାଜିନ୍‌ର ଏହି ଯୁଦ୍ଧ ପ୍ରସ୍ତୁତି ସଂକ୍ରାନ୍ତରେ ସୂଚନା ପ୍ରାପ୍ତ ହେଲା ସେତେବେଳେ ମହାଭାଗ ହଓ୍ୱାଜିନ୍ କବିଲାର ସେନା ବାହିନୀଙ୍କ ଗତିବିଧି ଲକ୍ଷ କରିବାକୁ ହଜରତ ଅବ୍ଦୁଲ୍ଲାଃ ବିନ୍ ଅବୁ ହଦରଦ୍ ର.ଅଙ୍କୁ ପ୍ରେରଣ କଲେ । ସେ ହଓ୍ୱାଜିନ୍ ଦଳର ସେନା ବାହିନୀରେ ସାମିଲ ହୋଇଗଲେ ଏବଂ ଦିନେ ଦୁଇଦିନ ସେମାନଙ୍କ ସହିତ ରହି, ଚଳପ୍ରଚଳ କରି ତାଙ୍କର ସମସ୍ତ ପ୍ରକାର ଖବର ସଂଗ୍ରହ କରି ପୁଣ୍ୟଶ୍ଳୋକଙ୍କ ନିକଟକୁ ଫେରି ଆସିଲେ ଏବଂ ହୁଜୁର ସ.ଅଙ୍କୁ ସବୁକିଛି ଅବଗତ କରିଦେଲେ । ବସ୍ତୁତଃ ମହାଭାଗ ବାଧ୍ୟ ହୋଇ ଉକ୍ତ କବିଲାର ମୁକାବିଲା କରିବା ସକାଶେ ପ୍ରସ୍ତୁତି ଆରମ୍ଭ କଲେ ।

ହଜରତ ମୁହମ୍ମଦସ.ଅ ହଓ୍ୱାଜିନ୍ କବିଲାର ମୁକାବିଲା କରିବା ନିମନ୍ତେ, ମକ୍କାରୁ ପ୍ରସ୍ଥାନ କରିବା ପୂର୍ବରୁ ସମୀକ୍ଷା କରିବାରୁ ଜଣାଗଲା ଯେ, ଇସଲାମୀୟ ସେବା ବାହିନୀ ନିକଟରେ ଯୁଦ୍ଧ ସରଞ୍ଜାମ ଖୁବ୍ କମ୍ ମାତ୍ରାରେ ରହିଛି । ଏହି ଅଭାବ ପୂରଣ କରିବା ସକାଶେ ମହାଭାଗ ମକ୍କାର ଧନାଢ଼୍ୟ ଓ ପ୍ରତିପତ୍ତିଶାଳୀ ସଫଓ୍ୱାନ ବିନ୍ ଉମୈୟା, ଯିଏକି ସେପର୍ଯ୍ୟନ୍ତ ସୁଦ୍ଧା ଅନେକଶ୍ୱରବାଦୀ ଥିଲେ । ତାହାକୁ କିଛି ଅସ୍ତ୍ରଶସ୍ତ୍ର ଉଧାର ମାଗିଲେ । ଏହିପରି ମହାଭାଗ ନିଜ ଚଚା ପୁଅ ଭାଇ ନଓଫିଲ୍ ବିନ୍ ହାରିସ୍ ଠାରୁ ତିନି ହଜାର ବର୍ଚ୍ଛା ଧାର ନେଲେ ଏବଂ କହିଲେ; **ମୁଁ ତୁମର ଏହି ବର୍ଚ୍ଛାଗୁଡ଼ିକୁ ଶତ୍ରୁର ପିଠିରେ ନିବିଷ୍ଟ ହୋଇ ରହିଥିବାର ଦେଖୁଅଛି** । ମହାଭାଗ ସ.ଅଙ୍କର ଏପରି ସୂଚନା ଦେବାରେ ଉଦ୍ଦେଶ୍ୟ ଏହା ଥିଲା ଯେ, ଶତ୍ରୁ ପରାଜୟ ବରଣ କରି ପଳାୟନ କରିବ ଏବଂ ନିଜର ଭୀଷଣ ପ୍ରାଣହାନୀ ରୂପକ କ୍ଷତି ସହ୍ୟ କରିବ । ଏପରି ହୁଜୁରସ.ଅ ଇବ୍‌ନେ ଅବି ରବିଆ ଠାରୁ ମଧ୍ୟ କିଛି ଯୁଦ୍ଧ ସରଞ୍ଜାମ ଧାର ନେଇଥିଲେ ।

ହଜରତ ମୁହମ୍ମଦ ସ.ଅଙ୍କ ସର୍ବୋତ୍ତମ ଚରିତ୍ରର ଝଲକ ଧ୍ୟାନ ଦେବା ଯୋଗ୍ୟ ଯେ, **ନବୀଶ୍ରେଷ୍ଠ ସେତେବେଳେ ମକ୍କା ଜୟ କରି ନେଇଥିଲେ ଏବଂ ଯୁଦ୍ଧ ପ୍ରଥା ଓ ନୀତି ମୁତାବକ ବିଜୟୀ ଦଳ ପରାଜିତ ଦଳର ଧନସମ୍ପତ୍ତିର ମାଲିକ ଓ ଅଧିପତି ହୋଇଥାଏ** । କିନ୍ତୁ ଏଠାରେ ମହାଭାଗ ପରବର୍ତ୍ତୀ ଯୁଦ୍ଧ ପାଇଁ ଯାହା ଆବଶ୍ୟକ ପଡିଲା ତାହା ପରାଜିତ ଦଳ ଠାରୁ ଋଣ ନେଲେ । ଏହି ସର୍ତ୍ତରେ ଯେ, ଆମେ ଯେତେ ପରିମାଣର ଅସ୍ତ୍ରଶସ୍ତ୍ର ତୁମ ଠାରୁ

ନେଉଛୁ ତାହା ତୁମକୁ ଫେରସ୍ତ କରିଦେବୁ । ଏହିପରି ଅବୁ ଜହଲ୍‌ର ସାବତ ଭାଇ ଅବ୍ଦୁଲ୍ଲାଃ ବିନ୍ ଅବି ରବିଆ ଠାରୁ ମହାଭାଗ ୩୦/୪୦ହଜାର ଦିରହମ୍ କରଜ ନେଲେ । ବର୍ଣ୍ଣନାରେ ଉଲ୍ଲେଖ ରହିଛି, ସେ ମକ୍କା ବିଜୟ ଦିବସରେ ମୁସଲମାନ ହୋଇଥିଲେ । ମହାମହିମ ହୁଜୁର ଅନଓ୍ୱର[ଅ.ବ] କହିଲେ; ସମ୍ଭବତଃ ମହାଭାଗ ବିଭିନ୍ନ ଆବଶ୍ୟକତା ଓ କ୍ଷତିପୂରଣ ଦେବା ସକାଶେ ଏହି ଅର୍ଥ କରଜ ନେଇଥିବେ ତେବେ ଅଲ୍ଲାଃଙ୍କୁ ହିଁ ସକଳ ବିଷୟ ଜଣା । ଏହାର ଅତିରିକ୍ତ ଘଟଣାବଳୀ ଇନ୍‌ଶାଅଲ୍ଲାଃ ଆସନ୍ତାରେ ବର୍ଣ୍ଣନା କରିବି ।

ପରିଶେଷରେ ପ୍ରିୟ ହୁଜୁର ଅନଓ୍ୱର[ଅ.ବ] କହିଲେ; ନମାଜ ପରେ ମୁଁ ଦୁଇଟି ଜନାଯାଃ ଗାଏବ ପାଠ କରିବି । ପ୍ରଥମ ଶ୍ରୀମାନ ଖ୍ୱାଜାଃ ମୁଖତାର ଅହେମଦ ସାହେବ ବଟ୍ଟ ପିତା ଶ୍ରୀମାନ ଖ୍ୱାଜାଃ ଅବ୍ଦୁର୍ ରହେମାନ୍ ସାହେବ ସିଆଲ୍‌କୋଟ ନିବାସୀ । ସେ କେନ୍ଦ୍ରିୟ ସ୍ତରରେ ଫଜଲେ ଉମର୍ ଫାଉଣ୍ଡେଶନ୍ ଓ ଦୀର୍ଘ ଅବଧି ପର୍ଯ୍ୟନ୍ତ ଦାରୁଲ୍ କଜା ରବଓ୍ୱାରେ କାଜି ରୂପେ ସେବା ସମ୍ପାଦନ କରିଛନ୍ତି । କଜାରେ ମୁଁ ମଧ୍ୟ ତାଙ୍କ ସହିତ କିଛି କାଳ ସେବା କରିଛି । ସେ ଜଣେ ଉତ୍ତମ ରାୟଦାତା ଓ ବିନମ୍ର ବ୍ୟକ୍ତି ଥିଲେ, ଖିଲାଫତ୍ ସହିତ ତାଙ୍କର ସମ୍ପର୍କ ସର୍ବଦା ରହିଥିଲା । ୨୦୦୨ମସିହାରେ ସେ କାନାଡ଼ାକୁ ସ୍ଥାନାନ୍ତରିତ ହୋଇଯାଇଥିଲେ । ସେଠାରେ ମଧ୍ୟ ତାଙ୍କୁ ସ୍ଥାନୀୟ ଅମିର୍ ରୂପେ ସେବା କରିବାର ସୁଯୋଗ ମିଳିଥିଲା ।

ଦ୍ୱିତୀୟ ଜନାଯାଃ ଶ୍ରୀମତୀ ସଇଦା ବେଗମ୍ ସାହେବା ପତ୍ନୀ ଶ୍ରୀମାନ ନଜିର୍ ଅହେମଦ ସାହେବ ଭାରତ ନିବାସୀଙ୍କର ରହିଛି । ତାଙ୍କର ମଧ୍ୟ ବିଗତ ଦିନ ୭୫ବର୍ଷ ବୟସରେ ନିଧନ ହୋଇଛି ଇନ୍ନା ଲିଲ୍ଲାହି ଓ ଇନ୍ନା ଇଲୈହି ରାଜେଉନ୍ । ଅଲ୍ଲାଃଙ୍କ କୃପାରି ସେ ଓ୍ୱସିୟତ୍‌କାରୀଣୀ ମହିଳା ଥିଲେ । ନିଜ ପଛରେ ସେ ତିନିଜଣ କନ୍ୟା ଓ ଚାରିଜଣ ପୁତ୍ର ସନ୍ତାନ ଛାଡ଼ି ଯାଇଛନ୍ତି । ତାହେର୍ ଅହେମଦ ତାରିକ୍ ନାଏବ ନାଜିର ଇସଲାହ୍ ଓ ଇରଶାଦ୍ କାଦିୟାନଙ୍କର ସେ ଜନନୀ ଥିଲେ । ଚଳିତ ବର୍ଷ ଇଂଲଣ୍ଡର ବାର୍ଷିକ ଧର୍ମ ସମ୍ମିଳନୀରେ ମହୋଦୟ ଜମାଅତୀୟ ପ୍ରତିନିଧି ରୂପେ ଯୋଗ ଦେଇଥିଲେ । ତାଙ୍କ ପଛରେ ମାତାଙ୍କର ବିୟୋଗ ହେଲା ତେଣୁ ସେ ନିଜ ମାତାଙ୍କ ଜନାଯାଃରେ ସାମିଲ ହୋଇପାରି ନଥିଲେ । ତାଙ୍କର କନିଷ୍ଠ ପୁତ୍ର ଶବିର୍ ଅହେମଦ ସାହେବ ମୁଅଲ୍ଲିମ୍ ରୂପେ ସେବା ସମ୍ପାଦନ କରୁଛନ୍ତି, ତାଙ୍କ କନ୍ୟା ମଧ୍ୟ ଜଣେ ମୁବଲ୍ଲିଗ୍ ଶ୍ରୀମାନ ଜବ୍‌ବାର୍ ସାହେବଙ୍କୁ ବିବାହ କରିଛନ୍ତି । ବାକି ଦୁଇଜଣ କନ୍ୟା ଜମାଅତର ସେବା କରୁଛନ୍ତି । ତେବେ ବେଶ୍ ଖିଦମତ୍ (ସେବା) କରୁଥିବା ପରିବାର ତାଙ୍କର । ଉକ୍ତ ପରିବାରରେ ଅହେମଦିୟତ୍ ହଜରତ କାଜି ମୁହମ୍ମଦ ଅକବର୍ ସାହେବ [ର.ଅ]ଙ୍କ ମାଧ୍ୟମରେ ପ୍ରବେଶ କରିଥିଲା, ଯିଏକି ହଜରତ ମସିହ ମଉଦ [ଅ.ସ]ଙ୍କର ସାହାବି ଥିଲେ । ମୃତକ ଜଣକ ବେଶ୍ ଧାର୍ମିକ ଓ ନମାଜରୋଜା ପାଠକାରୀଣୀ ମହିଳା ଥିଲେ ।

---

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ଓ୍ୱ ନସ୍‌ତଇନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଅଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଇୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ଓ୍ୱଲ୍ ଇହ୍‌ସାନି ଓ୍ୱଇତାଇଜିଲ କୁର୍‌ବା ଓ୍ୱୟନ୍‌ହା ଅନିଲ୍ ଫହ୍‌ଶାଇ ଓ୍ୱଲ୍ ମୁନ୍‌କରି ଓ୍ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉଯ୍‌କୁରୁଲ୍ଲାହା ୟଯ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲଯିକ୍‌ରୁଲ୍ଲାହି ଅକ୍‌ବର୍ ।

Khulasa Khutba Juma Huzoor Anwar a.b.a

22nd August 2025

*Translated to Odia by :* Moulavi Anwar Ahmad Khan